# ଉଇଣ୍ଡୋଜ ଆସେସୋରିଜ୍ ଓ ଇଣ୍ଟରନେଟ୍

**(WINDOWS ACCESSORIES AND INTERNET)**

ଉଇଣ୍ଡୋଜ୍ ପ୍ରଚାଳନ ପଦ୍ଧତି (Windows Operating System)ରେ କେତେଗୁଡ଼ିଏ ପ୍ରୋଗ୍ରାମ ଅଛି, ଯାହା ଆମ ଦୈନନ୍ଦିନ କାର୍ଯ୍ୟରେ ବିଶେଷ କରି ଛାତ୍ରଛାତ୍ରୀମାନଙ୍କୁ ଚିଠି ପତ୍ର ଲେଖିବା, ଗାଣିତିକ ସମସ୍ୟାର ସମାଧାନ, ଅଫିସ ସଂକ୍ରାନ୍ତୀୟ କାଗଜପତ୍ର ପ୍ରସ୍ତୁତି ତଥା ବିଭିନ୍ନ ପ୍ରକାର ଚିତ୍ର ଅଙ୍କନ କରି ତାକୁ ରଙ୍ଗୀନ କରିବା ଆଦି କାର୍ଯ୍ୟରେ ସାହାଯ୍ୟ କରେ। ସେହି ପ୍ରୋଗ୍ରାମଗୁଡ଼ିକୁ ଉଇଣ୍ଡୋଜ୍ ଆସେସୋରିଜ୍ ପ୍ରୋଗ୍ରାମ୍ (Windows Accessories Program) ବୋଲି କୁହାଯାଏ । ସେଗୁଡ଼ିକ ହେଲା- କାଲ୍‌କୁଲେଟର (Calculator), ନୋଟ୍ ପ୍ୟାଡ୍ (Note Pad), ଓ୍ୱାର୍ଡ ପ୍ୟାଡ୍ (Word Pad), ପେଣ୍ଟ (Paint), ସାଉଣ୍ଡ୍ ରେକର୍ଡର (Sound Recorder) ଇତ୍ୟାଦି ।

## ଉଇଣ୍ଡୋଜ୍ ଆସେସୋରିଜ୍‌କୁ ଖୋଲିବା

### (କ) ଯଦି Windows 7 ପ୍ରଚାଳନ ପଦ୍ଧତି (OS) ହୋଇଥାଏ:



ପ୍ରଥମେ କମ୍ପ୍ୟୁଟର ପରଦାର ବାମ ପାର୍ଶ୍ୱର ନିମ୍ନଭାଗରେ ଥିବା ଷ୍ଟାର୍ଟ ବା ଉଇଣ୍ଡୋଜ୍ ବଟନ୍ ଉପରେ କ୍ଲିକ୍ (Click) କର ସେଥିରେ ଅଲ୍ ପ୍ରୋଗ୍ରାମ୍‌ସ (All Programs) ବଟନ୍ ଦେଖିବ । ଅଲ୍‌ପ୍ରୋଗ୍ରାମ୍‌ସ ବଟନ୍ ଉପରେ କ୍ଲିକ୍ କଲେ, ସବୁ ପ୍ରୋଗ୍ରାମ୍‌ସଗୁଡ଼ିକର ଏକ ତାଲିକା କ୍ରମାନ୍ୱୟରେ ଦେଖିପାରିବ। ପୁନଃଶ୍ଚ ସେହି ତାଲିକାରେ ଥିବା ଆସେସୋରିଜ (Accessories) ଉପରେ କ୍ଲିକ୍ କଲେ, ସେଥିରେ ଏକ ଡ୍ରପ ଡାଉନ (Drop down) ତାଲିକା ଆସିବ । ସେହି ତାଲିକାରେ କାଲ୍‌କୁଲେଟର, ନୋଟ୍ ପ୍ୟାଡ୍, ଓ୍ୱାର୍ଡ ପ୍ୟାଡ୍, ପେଣ୍ଟ, ସାଉଣ୍ଡ୍ ରେକର୍ଡର ଇତ୍ୟାଦିର ଏକ ଉପତାଲିକା ଦେଖିପାରିବ। ନିମ୍ନ ପ୍ରବାହ ଚିତ୍ର ଅନୁସରଣ କର ।

**ଷ୍ଟାର୍ଟ → ଅଲ୍ ପ୍ରୋଗ୍ରାମସ → ଆସେସୋରିଜ**

**Start →All Programs →Accessories**





Windows 7 ଆସେସୋରିଜ୍ ପ୍ରୋଗ୍ରାମ୍‌ସ

## (ଖ) ଯଦି Windows 10 ପ୍ରଚାଳନ ପଦ୍ଧତି (OS) ହୋଇଥାଏ:

ପ୍ରଥମେ କମ୍ପ୍ୟୁଟର ପରଦାର ବାମ ପାର୍ଶ୍ୱର ନିମ୍ନ ଭାଗରେ ଥିବା ଷ୍ଟାର୍ଟ ବା ଉଇଣ୍ଡୋଜ୍ ବଟନ୍ ଉପରେ କ୍ଲିକ୍ (Click) କର । ସେଥିରେ ଅଲ୍ ଆପ୍ସ (All Apps) ବଟନ୍ ଦେଖିବ । ଅଲ୍ ଆପ୍ସ ବଟନ୍ ଉପରେ କ୍ଲିକ୍ କଲେ ସବୁ ଆପ୍ସଗୁଡ଼ିକର ଏକ ତାଲିକା କ୍ରମାନ୍ୱୟରେ ଦେଖିପାରିବ । ପୁନଃଶ୍ଚ ସେହି ତାଲିକାରେ ଥିବା ଉଇଣ୍ଡୋଜ୍ ଆସେସୋରିଜ (Windows Accessories) ଉପରେ କ୍ଲିକ୍ କଲେ, ସେଥିରେ ଏକ ଡ୍ରପ ଡାଉନ୍ (Drop down) ତାଲିକା ଆସିବ । ସେହି ତାଲିକାରେ ନୋଟ୍ ପ୍ୟାଡ୍, ୱାର୍ଡ଼ ପ୍ୟାଡ୍, ପେଣ୍ଟ, ସାଉଣ୍ଡ ରେକର୍ଡର, ଉଇଣ୍ଡୋ ମେଡିଆ ପ୍ଲେୟାର ଆଦି ପ୍ରୟୋଗ ଦେଖିପାରିବ । ନିମ୍ନ ପ୍ରବାହ ଚିତ୍ର ଅନୁସରଣ କର ।

**ଷ୍ଟାର୍ଟ → ଅଲ୍ ଆପ୍ସ → ଉଇଣ୍ଡୋଜ ଆସେସୋରିଜ**

**Start →All Apps → Windows Accessories**




Windows 10 ଆସେସୋରିଜ୍ ପ୍ରୋଗ୍ରାମସ୍

## ନୋଟ୍‌ପ୍ୟାଡ (Note Pad)

ଏହା ଏକ ପାଠ୍ୟ ସଂପାଦକ (Text Editor) ପ୍ରୋଗ୍ରାମ । ଏଥିରେ କିଛି ଛୋଟ ଛୋଟ ଚିଠି ଅଥବା ଠିକଣା ପ୍ରଭୃତି ଲେଖାହୁଏ । ଏହି ପ୍ରୋଗ୍ରାମର କାର୍ଯ୍ୟକ୍ରମ ପରିଚାଳନା ଏବେ ଶିଖିବା ।



## (କ) ଯଦି Windows 7 ପ୍ରଚାଳନ ପଦ୍ଧତି (OS) ହୋଇଥାଏ:

ନୋଟପ୍ୟାଡ୍ ଖୋଲିବା ପାଇଁ ନିମ୍ନ କାର୍ଯ୍ୟଗୁଡ଼ିକୁ କ୍ରମ ଅନୁସାରେ କର ।

- ଟାସ୍କବାର (Taskbar) ଉପରେ ଥିବା ଷ୍ଟାର୍ଟ ବଟନ୍ (Start button) ଉପରେ କ୍ଲିକ୍ କର । ଦେଖିବ, ଷ୍ଟାର୍ଟ୍ ମେନୁ (Start Menu) ଦୃଶ୍ୟମାନ ହେବ ।

- ଷ୍ଟାର୍ଟ୍ ମେନୁ (Start Menu) ଉପରେ ମାଉସ୍‌ର କର୍ସର (cursor)କୁ ନେଇ ଅଲ ପ୍ରୋଗ୍ରାମ୍‌ସ (All Programs) ପାଖରେ ପହଞ୍ଚି ଦେଖିବ, ଏକ ଉପତାଲିକା ବାହାରି ଆସିବ ।
- ବର୍ତ୍ତମାନ କର୍ସର (Cursor) କୁ ଆସେସୋରିଜ୍ ପାଖକୁ ନିଅ । ଦେଖ, ତାହାର ଏକ ଉପତାଲିକା ବାହାରି ଆସିବ ।
- ବର୍ତ୍ତମାନ ନୋଟପ୍ୟାଡ୍ ଉପରେ କ୍ଲିକ୍ କଲେ, ଉକ୍ତ ପ୍ରୋଗ୍ରାମ୍‌ର ଏକ ଉଇଣ୍ଡୋ (Window) ପ୍ରଦର୍ଶିତ ହେବ ।

**ନିମ୍ନରେ ଦିଆଯାଇଥିବା ପ୍ରବାହ ଚିତ୍ର ଅନୁସରଣ କର ।**

ଷ୍ଟାର୍ଟ → ଅଲ ପ୍ରୋଗ୍ରାମ୍‌ସ → ଆସେସୋରିଜ୍ → ନୋଟପ୍ୟାଡ୍

**(Start → All Programs → Accessories → Note pad)**




ଆସେସୋରିଜ୍‌ର ଉପତାଲିକାରେ ନୋଟ୍‌ପ୍ୟାଡ୍


**(ଖ) ଯଦି Windows 10 ପ୍ରଚାଳନ ପଦ୍ଧତି (OS) ହୋଇଥାଏ:**

କମ୍ପ୍ୟୁଟରରେ ଏହି ପ୍ରୟୋଗଟିକୁ ଖୋଲିବାପାଇଁ ନିମ୍ନରେ ଥିବା ପ୍ରବାହ ଚିତ୍ରଟିକୁ ଅନୁସରଣ କର ।

ଷ୍ଟାର୍ଟ → ଅଲ ଆପ୍‌ସ → ଉଇଣ୍ଡୋଜ୍ ଆସେସୋରିଜ୍ → ନୋଟପ୍ୟାଡ୍

**(Start → All Apps → Windows Accessories → Note pad)**

**(Windows 7** କାର୍ଯ୍ୟକ୍ରମର କ୍ରମରେ ଏହା ହେବ)




ଆସେସୋରିଜର ଉପତାଲିକାରେ ନୋଟପ୍ୟାଡ୍

ଆସେସୋରିଜର ଉପତାଲିକାରେ ଥିବା ନୋଟ୍‌ପ୍ୟାଡ୍ ଉପରେ କ୍ଲିକ୍ କଲେ, ନୋଟ୍‌ପ୍ୟାଡ୍‌ର ଏକ ଉଇଣ୍ଡୋ ଖୋଲିଯିବ ।


## ନୋଟ୍‌ପ୍ୟାଡ୍ ଉଇଣ୍ଡୋ (NotePad Window)ର ଉପାଂଶ

**ଟାଇଟଲ୍ ବାର (Title Bar)** 


ନୋଟ୍‌ପ୍ୟାଡ୍‌ର ସବା ଉପରେ ଟାଇଟଲ୍ ବାର (Title Bar)ଅଛି । ତାହା ପ୍ରୋଗ୍ରାମ୍‌ର ଟାଇଟଲ ବା ନାମକୁ ବୁଝାଏ । ଏହି ଟାଇଟଲ ବାରର ଦକ୍ଷିଣ ପାର୍ଶ୍ୱରେ ତିନୋଟି ବଟନ୍  ଅଛି । ପ୍ରଥମଟି ମିନିମାଇଜ (Minimize) ବଟନ୍, ମ୍ୟାକ୍ସିମାଇଜ (Maximise) ବଟନ୍ ଓ ଶେଷଟି ହେଲା କ୍ଲୋଜ୍ (Close) ବଟନ୍ । ମିନିମାଇଜ ବଟନ୍‌କୁ କ୍ଲିକ୍ କଲେ ନୋଟ୍‌ପ୍ୟାଡଟି ମୁଖ୍ୟ ପରଦାରୁ ଅପସରି ଯାଇ ଏକ ବଟନ୍ ରୂପେ ଟାସ୍କବାର ଉପରେ ରହିଯିବ । ମ୍ୟାକ୍ସିମାଇଜ୍ ବଟନ୍‌କୁ କ୍ଲିକ୍ କଲେ ଛୋଟ ନୋଟ୍‌ପ୍ୟାଡ୍ ଉଇଣ୍ଡୋଟି ବଡ଼ ହୋଇଯିବ ଓ କ୍ଲୋଜ୍ ବଟନ୍‌କୁ କ୍ଲିକ୍ କଲେ ନୋଟ୍‌ପ୍ୟାଡ୍‌ଟି ବନ୍ଦ ହୋଇଯିବ ।

**ମେନୁବାର୍ (Menu Bar)** 



ଟାଇଟଲ ବାର ତଳକୁ ମେନୁବାର (Menu Bar) ଥାଏ । ଏଥିରେ ଫାଇଲ (File), ଏଡିଟ୍ (Edit), ଭିଉ (View) ଓ ସେଟିଙ୍ଗ୍ (Setting) ମେନୁ ରହିଛି । ପ୍ରତି ମେନୁ ଉପରେ କ୍ଲିକ୍ କଲେ, ସେଥିରୁ ଏକ ଡ୍ରପ୍ ଡାଉନ୍ ତାଲିକା ବାହାରିବ ।

**ଟୁଲ୍‌ବାର (Tool Bar)** 

ମେନୁବାରର ତଳକୁ ଯେଉଁ ଅଂଶ ଥାଏ, ତାହାକୁ ଟୁଲବାର (Tool Bar) କହନ୍ତି । ଏହା ସାହାଯ୍ୟରେ କୌଣସି ଦଲିଲକୁ copy, paste, undo, redo ଆଦି କରାଯାଇପାରିବ ।

## ପାଠ୍ୟ ଅଞ୍ଚଳ (Text Area)

ମେନୁବାର ତଳକୁ ଯେଉଁ ଅଂଶ ଥାଏ, ତାହାକୁ ପାଠ୍ୟ ଅଞ୍ଚଳ (Text Area) ବୋଲି କହନ୍ତି । ଏଥିରେ ପ୍ରଥମେ ଏକ ଭୂଲମ୍ବ ଛୋଟ ରେଖାଖଣ୍ଡଟି ଧପ୍ ଧପ୍ ହେଉଥିବା ଦେଖାଯାଏ, ତାହାକୁ କର୍ସର୍ (Cursor) କହନ୍ତି । ପାଠ୍ୟ ଅଞ୍ଚଳର ମାଉସ୍ ପଏଣ୍ଟର ସାଧାରଣତଃ ଭୂଲମ୍ବ ରେଖାଖଣ୍ଡର ଆକାର ଧାରଣ କରିଥାଏ । ମାଉସ୍ କ୍ଲିକ୍ କରି ସେହିଠାରୁ କି'ବୋର୍ଡ ସାହାଯ୍ୟରେ ଲେଖା ଆରମ୍ଭ କରାଯାଏ । ଲେଖା ସରିବା ପରେ ଫାଇଲ୍ ମେନୁରେ ଥିବା ସେଭ୍ (Save) ବଟନ୍‌ରେ କ୍ଲିକ୍ କରି ଗୋଟିଏ ଫାଇଲ୍ ନାମରେ ସେଭ୍ କରାଯାଏ । ଯଦି ଡକୁମେଣ୍ଟ (Document) ରେ କିଛି ପରିବର୍ତ୍ତନ ଦରକାର ପଡ଼େ, ତେବେ ଏଡିଟ୍ (Edit)ମେନୁକୁ ଯାଇ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇପାରିବ ।




ନୋଟପ୍ୟାଡ୍ ଉଇଣ୍ଡୋ

**ଦ୍ରଷ୍ଟବ୍ୟ:** ଫାଇଲ୍‌କୁ ସେଭ (Save) କରିବାକୁ ହେଲେ, ଫାଇଲ୍‌ର ନାମ ଦେଇ ଫାଇଲ୍ ମେନୁରୁ ସେଭ୍ (Save) ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଏ । ଏହାଦ୍ୱାରା ଡକୁମେଣ୍ଟଟି ଭବିଷ୍ୟତ କାର୍ଯ୍ୟକ୍ରମ ପାଇଁ ସାଇତା ହୋଇ ରହେ ।

## ଆସ ନୋଟ୍‌ପ୍ୟାଡ୍‌ରେ କିଛି ଲେଖିବା

ମନେକରାଯାଉ, ତୁମକୁ ତୁମ ନାମ ଓ ଠିକଣା ଲେଖିବାକୁ କୁହାଗଲା । ତୁମେ କିପରି ଲେଖିବ ? ଏଥିପାଇଁ ପ୍ରଥମେ ମାଉସ୍‌ର କର୍ସରକୁ ପାଠ୍ୟ ଅଞ୍ଚଳ ଉପରେ ରଖିବ ଏବଂ ସେଠାରେ କ୍ଲିକ୍ କଲେ, ଏକ ଭୂଲମ୍ବ ରେଖାଖଣ୍ଡ ଭାବରେ ଧପ୍ ଧପ୍ ହେବ । ଯେଉଁଠାରୁ ଲେଖା ଆରମ୍ଭ କରିବା, ସେହିଠାରେ କ୍ଲିକ୍ କରିବ ।

Address: Priyam Parthasarathi,
Bhoi Nagar, Unit-IX
Bhubaneswar

ମନେକର, ତୁମେ ଉପରୋକ୍ତ ଠିକଣା ଲେଖିବାକୁ ଚାହୁଁଛ, ଏଥିପାଇଁ ନିମ୍ନଲିଖିତ କାର୍ଯ୍ୟ କରିବାକୁ ପଡ଼ିବ ।

- ପ୍ରଥମେ କି'ବୋର୍ଡ଼ରେ ସିଫ୍‌ଟ କି (Shift key) କୁ ଦବାଇ ରଖି P ବଟନ୍ କୁ ଦବାଇବ, ଯାହାଦ୍ୱାରା କ୍ୟାପିଟାଲ ବା ବଡ P ହୋଇଯିବ ତାପରେ ଆଉ ସିଫ୍‌ଟ କି ନ ଦବାଇ ଅନ୍ୟ ଅକ୍ଷର ବଟନ riyam କୁ ଗୋଟିଏ ପରେ ଗୋଟିଏ ଦବାଇ ଚାଲିବ ।
- ଗୋଟିଏ ଶବ୍ଦ ସରିଯିବା ପରେ ସ୍ପେସବାର (Spacebar) କୁ ଦବାଇଲେ, ଟିକିଏ ଫାଙ୍କା ସ୍ଥାନ (gap) ସୃଷ୍ଟି ହେବ । ପୁଣି କ୍ୟାପିଟାଲ P ଲେଖିବା ପାଇଁ ସିଫ୍ଟ କି କୁ ଦବାଇରଖି P ବଟନ୍ କୁ ଦବାଇବ । ତାପରେ ସିଫ୍‌ଟ କି ନ ଦବାଇ ଅନ୍ୟ ଅକ୍ଷରଗୁଡ଼ିକ arthasarathi ଲେଖି ଚାଲିବ ।
- ତଳ ଧାଡ଼ିରେ ଲେଖିବା ପାଇଁ ଏଣ୍ଟର କି (Enter) ଦବାଇବ । କର୍ସର ତଳ ଧାଡିରେ ଧପ୍ ଧପ୍ କରିବ । ସେଠାରେ ସିଫ୍‌ଟ କି ଦବାଇ B ଲେଖିବ ଓ ତାପରେ ସିଫ୍‌ଟ କି ନ ଦବାଇ hoi Nagar ସେହିପରି Unit-IX, Bhubaneswar ଲେଖିବ ।
- ଯଦି ବନ୍ଧନୀ ( ) ବ୍ୟବହାର କରିବାର ଥାଏ, ସିଫ୍‌ଟ କି ଦବାଇ ୨ ବଟନକୁ ଦବାଇବ । ତାହାଲେ ୨ ଉପରେ ଥିବା ଆରମ୍ଭ ବନ୍ଧନୀ ଲେଖାହେବ ଏବଂ 0 ବଟନକୁ ଦବାଇଲେ ଶେଷ ବନ୍ଧନୀ ଲେଖାହେବ ।
- ତଳ ଧାଡ଼ିକୁ ଯାଇ ପୂର୍ବପରି ଅନ୍ୟଗୁଡିକୁ ଲେଖିପାରିବ । ଲେଖା ସରିବା ପରେ ତାକୁ ସେଭ୍ କରିବ ।
- ଏହାକୁ ପ୍ରିଣ୍ଟି କରିବାକୁ ଚାହିଁଲେ, ଫାଇଲ୍ ମେନୁକୁ ଯାଇ ପ୍ରିଣ୍ଟ ଅପସନ (Print Option)ରେ କ୍ଲିକ୍ କରିବ । ତାପରେ ପ୍ରିଣ୍ଟରର ନାମ ସହିତ କେତୋଟି କପି କରିବ, ତାହାର ଏକ ପରଦା ଆସିବ । ସେଥିରେ ଥିବା ପ୍ରିଣ୍ଟ ଉପରେ କ୍ଲିକ୍ କଲେ ଡକୁମେଣ୍ଟଟି ପ୍ରିଣ୍ଟ ହୋଇଯିବ । ଶେଷରେ କ୍ଲୋଜ୍ ବଟନକୁ କ୍ଲିକ୍ କଲେ ନୋଟ୍ ପ୍ୟାଡଟି ବନ୍ଦ ହୋଇଯିବ ।

## ୱାର୍ଡପ୍ୟାଡ୍ (WordPad)



ଏହା ନୋଟପ୍ୟାଡ୍ ଠାରୁ ଅଧିକ ଉନ୍ନତ ଧରଣର ଟେକ୍ସଟ୍ ଏଡିଟର(Text Editor) । ୱାର୍ଡ ପ୍ୟାଡ୍ (Wordpad) ଖୋଲିବା ପାଇଁ ନିମ୍ନ କାର୍ଯ୍ୟଗୁଡ଼ିକୁ କ୍ରମ ଅନୁସାରେ ଅନୁସରଣ କର ।

**(କ) ଯଦି Windows 7 ପ୍ରଚାଳନ ପଦ୍ଧତି (OS) ହୋଇଥାଏ :**

ୱାର୍ଡ ପ୍ୟାଡ୍ ଖୋଲିବା ପାଇଁ ନିମ୍ନ କାର୍ଯ୍ୟଗୁଡ଼ିକୁ କ୍ରମ ଅନୁସାରେ କର ।

- ଟାସ୍କ ବାର ଉପରେ ଥିବା ଷ୍ଟାର୍ଟ ବଟନ୍ ଉପରେ କ୍ଲିକ୍ କର । ଦେଖିବ ଷ୍ଟାର୍ଟ ମେନୁ ଦୃଶ୍ୟମାନ ହେବ ।
- ଷ୍ଟାର୍ଟ ମେନୁ ଉପରେ ମାଉସ୍‌ର କର୍ସର (Cursor) କୁ ନେଇ ଅଲ୍ ପ୍ରୋଗ୍ରାମ୍‌ସ (All Programs) ପାଖରେ ପହଞ୍ଚ ଦେଖିବ, ଏକ ଉପତାଲିକା ବାହାରି ଆସିବ ।

- ବର୍ତ୍ତମାନ କର୍ସରକୁ ଆସେସୋରିଜ୍ ପାଖକୁ ନେଲେ, ପୁଣି ତାହାର ଏକ ଉପତାଲିକା ଦୃଶ୍ୟମାନ ହେବ ।
- ବର୍ତ୍ତମାନ ୱାର୍ଡ ପ୍ୟାଡ୍ ଉପରେ କ୍ଲିକ୍ କଲେ ଉକ୍ତ ପ୍ରୋଗ୍ରାମ୍‌ର ଏକ ଉଇଣ୍ଡୋ ପ୍ରଦର୍ଶିତ ହେବ ।

ନିମ୍ନରେ ଥିବା ପ୍ରବାହ ଚିତ୍ର ଅନୁଯାୟୀ କ୍ଲିକ୍ କରି କରି ଯାଅ ଓ ଚିତ୍ର ଦେଖ ।

ଷ୍ଟାର୍ଟ → ଅଲ ପ୍ରୋଗ୍ରାମସ → ଆସେସୋରିଜ୍ → ୱାର୍ଡପ୍ୟାଡ୍

**Start → All Programs → Windows Accessories → Wordpad**





ଉଇଣ୍ଡୋ 7ରେ ୱାଡ୍ ପ୍ୟାଡ୍


**(ଖ) ଯଦି Windows 10 ପ୍ରଚାଳନ ପଦ୍ଧତି (OS) ହୋଇଥାଏ ।**

କମ୍ପ୍ୟୁଟରରେ ଏହି ପ୍ରୟୋଗଟିକୁ ଖୋଲିବାପାଇଁ ନିମ୍ନରେ ଥିବା ପ୍ରବାହ ଚିତ୍ରଟିକୁ ଅନୁସରଣ କର ଓ ନିମ୍ନ ଚିତ୍ର ଦେଖ ।

ଷ୍ଟାର୍ଟ → ଅଲ ଆପ୍ସ → ଉଇଣ୍ଡୋଜ୍ ଆସେସୋରିଜ୍ → ୱାର୍ଡପ୍ୟାଡ୍


**Start → All Apps → Windows Accessories → Wordpad**








## ୱାର୍ଡପ୍ୟାଡ ଉଇଣ୍ଡୋ (WordPad Window)ର ଉପାଂଶ:


WordPad ଖୋଲିବା ପରେ ଏଥିରେ ଥିବା ଉପାଂଶଗୁଡ଼ିକ ଟାଇଟଲ ବାର( Title Bar), ମେନୁବାର (Menu Bar), ଟୁଲ ବାର (Tool Bar), ଫର୍ମାଟ ବାର (Format Bar), ଟେକ୍ସଟ ଏରିଆ (Text Area) ବା ପାଠ୍ୟ ଅଞ୍ଚଳ ଦେଖିପାରିବ ।

**ଟାଇଟଲ୍ ବାର (Title Bar)** 


ଟାଇଟଲ ବାରରେ ପ୍ରୋଗ୍ରାମର ନାମ ରହିଛି । ଏହାର ଦକ୍ଷିଣ ପାର୍ଶ୍ୱରେ ନୋଟପ୍ୟାଡ୍ ପରି ତିନୋଟି ବଟନ୍ ଅଛି । ତାହା ହେଲା ପ୍ରଥମଟି ମିନିମାଇଜ ବଟନ୍, ମଝିଟି ମାକ୍ସିମାଇଜ୍ ବଟନ ଓ ଶେଷଟି କ୍ଲୋଜ ବଟନ  ।

**ମେନୁବାର (Menu Bar)** 



ମେନୁବାରଟି ଟାଇଟଲ ବାରର ଠିକ ତଳକୁ ରହିଛି । ଏଥିରେ ଫାଇଲ୍ (File), ଏଡିଟ୍ (Edit), ଭିଉ (View), ଇନସର୍ଟ (Insert), ଫର୍ମାଟ (Format) ଓ ହେଲ୍ପ (Help)ପରି କେତେକ ମେନୁ ଅଛି । ଏହି ମେନୁଗୁଡ଼ିକ ଉପରେ କ୍ଲିକ କଲେ ଡ୍ରପଡାଉନ ତାଲିକା ଆସିବ ।

**ଟୁଲ୍‌ବାର (Tool Bar)** 

ଏଥିରେ ଫାଇଲ୍ (File), ଏଡିଟ୍ (Edit), ଭିଉ (View), ଇନସର୍ଟ (Insert), ଫର୍ମାଟ (Format) ଓ ହେଲ୍ପ (Help) ପରି କେତେକ ମେନୁ ଅଛି । ଏହି ମେନୁଗୁଡ଼ିକ ଉପରେ କ୍ଲିକ କଲେ, ଡ୍ରପଡାଉନ ମେନୁଗୁଡ଼ିକ ଆସିବ । ଟୁଲବାରଟି ମେନୁବାରର ଠିକ ତଳକୁ ରହିଛି । ଏଥିରେ କପି (Copy), ପେଷ୍ଟ (Paste), ସେଭ୍ (Save), ପ୍ରିଣ୍ଟ (Print) ଭଳି ଅନେକ ଟୁଲସ୍ (Tools) ଅଛି ।

## ଫର୍ମାଟ୍ ବାର (Format Bar) Ruler 

ଫର୍ମାଟ ବାରଟି ଟୁଲ ବାରର ତଳକୁ ରହିଛି । ଏଥିରେ ପାଠ୍ୟ ବା ଟେକ୍ସଟର ଆକାର, ଷ୍ଟାଇଲ୍ ପରିବର୍ତ୍ତନ କରାଯିବା ସଙ୍ଗେସଙ୍ଗେ ଟେକ୍ସଟକୁ ବୋଲ୍ଡ (Bold), ଇଟାଲିକ୍ (Italic) ଓ ଅଣ୍ଡରଲାଇନ (Underline) କରାଯାଇପାରିବ । ଡକୁମେଣ୍ଟ ଅଂଶରେ ଟେକ୍ସଟ ଟାଇପ କରାହେବ। ଡକୁମେଣ୍ଟଟି ସମ୍ପୂର୍ଣ୍ଣ ହେବା ପରେ ଫାଇଲଟିକୁ ସେଭ୍ କରିବ । ଦରକାର ସମୟରେ ସେ ଫାଇଲଟିକୁ କ୍ଲିକ୍ କରି ମଧ୍ୟ ଖୋଲିପାରିବ ।




ୱାର୍ଡପ୍ୟାଡ୍ ଉଇଣ୍ଡୋଜର ପ୍ରଦର୍ଶନ

## ଆସ ୱାର୍ଡପ୍ୟାଡ୍‌ରେ କିଛି ଲେଖିବା :

ଆସ, ନିମ୍ନରେ ପ୍ରଦତ୍ତ ଡକୁମେଣ୍ଟଟିକୁ ଟାଇପ କରିବା ।

September 10, 2016

Dear Nikita,

I got your letter yesterday. You are interested to learn computer and decided to go to an Institute for this. There is no need to go anywhere else to learn computer. You can learn it from our new Computer Book “Computer Education and its Application”. It is very simple and easy to follow.

Yours Sincerely,

Disha

- ବର୍ତ୍ତମାନ ଚିଠିକୁ ଟାଇପ୍ କରିବ ଓ ପରେ ସେଗୁଡ଼ିକୁ ସଜାଇବ । ଏଥିରେ ପ୍ରତ୍ୟେକ ଧାଡ଼ି ଲେଖିଲା ପରେ ଏଣ୍ଟର କି’ ଦବାଇବା ଦରକାର ପଡ଼େ ନାହିଁ । ଗୋଟିଏ ଧାଡ଼ି ସରିଗଲେ କର୍ସରଟି ଆପେ ଆପେ ତଳ ଧାଡ଼ିର ଆରମ୍ଭକୁ ଚାଲିଆସେ ।

- ପ୍ରଥମେ ସିଫ୍‌ଟି କି’ ଦବାଇ S ଲେଖିବ ଓ ତା ପରେ September 10, 2016 ଟାଇପ୍ କରିବ ଏବଂ ଏଣ୍ଟର କି ଦବାଇ ତଳ ଧାଡ଼ିକୁ ଆସିବ । ସିଫ୍ଟ କି’ ଦବାଇ କ୍ୟାପିଟାଲ D ଲେଖିବ ତାପରେ ଅନ୍ୟ ଅକ୍ଷର ଗୁଡ଼ିକ ‘ear’ ସିଫ୍‌ଟ ନ ଦବାଇ ଲେଖି ଚାଲିବ ଏବଂ Nikita ଲେଖି କମା ଦେବ । ଏହାପରେ ଏଣ୍ଟର କି ଦବାଇ ତଳ ଧାଡିକୁ ଯିବ ।
- ସେଠାରେ ଟ୍ୟାବ କି’ (Tab Key) କୁ ଥରେ ଦବାଇବ ଯାହାଦ୍ୱାରା ଅନୁଚ୍ଛେଦ ବା ପାରାଗ୍ରାଫ ପାଇଁ କିଛି ଖାଲି ସ୍ଥାନ ସୃଷ୍ଟି ହେବ ଓ ତାପରେ ଯାହା ସବୁ ଲେଖାଯାଇଛି, ସବୁଗୁଡ଼ିକ ଟାଇପ କରିବ ।
- ବର୍ତ୍ତମାନ ଲେଖାଗୁଡ଼ିକ ସଜାଇବ ଓ ଆବଶ୍ୟକୀୟ ଫର୍ମାଟିଂ କରିବ । ଗୋଟିଏ ଧାଡ଼ିରେ ଥିବା କୌଣସି ଶବ୍ଦକୁ ଡାହାଣ ଆଡ଼କୁ ନେବା ପାଇଁ ଟ୍ୟାବ କି’ (Tab key) କିମ୍ବା ସ୍ପେସବାରର ସାହାଯ୍ୟ ନେବ ।
- ଲେଖାର ବାମ ପାଶ୍ୱରେ କର୍ସର ରଖି ଟ୍ୟାବ କି କିମ୍ବା ସ୍ପେସବାରକୁ ଦବାଇ ଚାଲିବ ଓ ଲେଖା ଉପଯୁକ୍ତ ସ୍ଥାନରେ ପହଞ୍ଚିଲା ପରେ ଅନ୍ୟ ଧାଡ଼ିକୁ ଆସିବ । ଏହିପରି ଭାବରେ ତୁମେ ସମ୍ପୂର୍ଣ୍ଣ ଲେଖାଟିକୁ ସଜାଇପାରିବ ।
- ବର୍ତ୍ତମାନ ସମ୍ପୂର୍ଣ୍ଣ ଲେଖାଟିକୁ ଗୋଟିଏ ଫାଇଲ୍‌ରେ Save କରିବାକୁ ହେବ । ଡକୁମେଣ୍ଟ (Document)କୁ ସେଭ (Save) କରିବା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶ ଫାଇଲ୍ ମେନୁରୁ ମିଳିପାରିବ । ଏଥିରେ ଥିବା Save ଉପରେ କ୍ଲିକ୍ କଲେ, ଡକୁମେଣ୍ଟଟି Save ହୋଇପାରିବ ।

## କାଲକୁଲେଟର (Calculator)

ଏହା ଉଇଣ୍ଡୋଜ୍ ଆସେସୋରିଜର ଏକ ଦରକାରୀ ସାଧନ ଯାହା ସାହାଯ୍ୟରେ ବିଭିନ୍ନ ହିସାବ କାର୍ଯ୍ୟ ସମ୍ପାଦନ କରାଯାଏ । ବଜାରରେ ମିଳୁଥିବା କାଲକୁଲେଟର ପରି କମ୍ପ୍ୟୁଟର ପରଦାରେ ମାଉସ କ୍ଲିକ୍ କିମ୍ବା କି’ବୋର୍ଡ ସାହାଯ୍ୟରେ ଏହାକୁ ବ୍ୟବହାର କରିପାରିବ ।

### (କ) ଯଦି Windows 7 ପ୍ରଚାଳନ ପଦ୍ଧତି (OS) ହୋଇଥାଏ :


କମ୍ପ୍ୟୁଟରରେ ଏହି ପ୍ରୟୋଗଟିକୁ ଖୋଲିବା ପାଇଁ ନିମ୍ନରେ ଥିବା ପ୍ରବାହ ଚିତ୍ରଟିକୁ ଅନୁସରଣ କର ଓ ନିମ୍ନ ଚିତ୍ର ଦେଖ ।

ଷ୍ଟାର୍ଟ → ଅଲ ପ୍ରୋଗ୍ରାମସ୍ → ଆସେସୋରିଜ୍ → କାଲ୍‌କୁଲେଟର

**Start → All Programs →Accessories → Calculator**

- ଷ୍ଟାର୍ଟ ମେନୁ ଉପରେ କ୍ଲିକ୍ କର । ଷ୍ଟାର୍ଟ ମେନୁ ପ୍ରଦର୍ଶିତ ହେବ ।
- ଷ୍ଟାର୍ଟ ମେନୁ ଉପରେ କର୍ସରକୁ ନେଇ ଅଲ୍ ପ୍ରୋଗ୍ରାମସ ପାଖରେ ରଖ ।
- ଅଲ୍ ପ୍ରୋଗ୍ରାମ୍‌ସର ଆସେସୋରିଜ ମେନୁ ଉପରକୁ କର୍ସରକୁ ନେଲେ, ଏକ ଉପତାଲିକା ପ୍ରଦର୍ଶିତ ହେବ ।
- ଏହି ଉପତାଲିକା ଅନ୍ତର୍ଗତ କାଲ୍‌କୁଲେଟର ଉପରେ କ୍ଲିକ କର । ଦେଖିବ, କାଲ୍‌କୁଲେଟର ଉଇଣ୍ଡୋ (Calculator Window) ଦୃଶ୍ୟମାନ ହେବ ।

- ଏହି ଉଇଣ୍ଡୋଜ୍ (Windows)ରେ ଷ୍ଟାଣ୍ଡାର୍ଡ଼ କାଲକୁଲେଟର (Standard Calculator)ଟି ପ୍ରଦର୍ଶିତ ହେବ ।
- ସାଇଣ୍ଟିଫିକ୍ କାଲ୍‌କୁଲେଟର (Scientific Calculator)ର ପ୍ରଦର୍ଶନ ପାଇଁ ମେନୁବାରରେ ଥିବା ଭିଉ ମେନୁ (View menu)ର ସାଇଣ୍ଟିଫିକ୍ ଉପରେ କ୍ଲିକ୍ କଲେ ସାଇଣ୍ଟିଫିକ୍ କାଲକୁଲେଟରଟି ପ୍ରଦର୍ଶିତ ହେବ ।





## (ଖ) ଯଦି Windows 10 ପ୍ରଚାଳନ ପଦ୍ଧତି (OS) ହୋଇଥାଏ :


କମ୍ପ୍ୟୁଟରରେ ଏହି ପ୍ରୟୋଗଟିକୁ ଖୋଲିବା ପାଇଁ ନିମ୍ନରେ ଥିବା ପ୍ରବାହ ଚିତ୍ରଟିକୁ ଅନୁସରଣ କର ଓ ନିମ୍ନ ଚିତ୍ର ଦେଖ ।

ଷ୍ଟାର୍ଟ → ଅଲ ଆପ୍ସ → କାଲକୁଲେଟର


**Start → All Apps → Calculator**



କାଲ୍‌କୁଲେଟର ସାଧାରଣତଃ ଦୁଇ ପ୍ରକାରର । ପ୍ରଥମଟି ହେଲା ଷ୍ଟାଣ୍ଡାର୍ଡ କାଲ୍‌କୁଲେଟର (Standard Calculator) ଓ ଦ୍ୱିତୀୟଟି ହେଲା ସାଇଣ୍ଟିଫିକ୍ କାଲ୍‌କୁଲେଟର (Scientific Calculator)। ଏହି ଦୁଇ କାଲ୍‌କୁଲେଟର ଚିତ୍ର ନିମ୍ନରେ ଦେଖ ।




ଷ୍ଟାଣ୍ଡାର୍ଡ କାଲକୁଲେଟର




ସାଇଣ୍ଟିଫିକ୍ କାଲକୁଲେଟର

## ଷ୍ଟାଣ୍ଡାର୍ଡ କାଲ୍‌କୁଲେଟର

ଏହାଦ୍ୱାରା ସରଳ ଗାଣିତିକ ପ୍ରକ୍ରିୟା ଯଥା + , - , x , / ପ୍ରଭୃତି ହିସାବ କାର୍ଯ୍ୟ କରାଯାଏ ।

## ସାଇଣ୍ଟିଫିକ୍ କାଲ୍‌କୁଲେଟର


ଏହା ଦ୍ୱାରା ସରଳ ଗାଣିତିକ ପ୍ରକ୍ରିୟା ବ୍ୟତୀତ ଜଟିଳ ଗାଣିତିକ ପ୍ରକ୍ରିୟା ମଧ୍ୟ ସମ୍ପାଦନ କରାଯାଏ । ଯଥା- ଘାତ ନିରୂପଣ, ମୂଳ ନିରୂପଣ ଇତ୍ୟାଦି ।

**ବି:ଦ୍ର:-** କାଲ୍‌କୁଲେଟର ଭିଉ ମେନୁ (View Menu)ରେ କ୍ଲିକ୍ କଲେ, ତାହା ମଧ୍ୟରେ ତୁମେ ଷ୍ଟାଣ୍ଡାର୍ଡ କାଲ୍‌କୁଲେଟର ଓ ସାଇଣ୍ଟିଫିକ୍ କାଲ୍‌କୁଲେଟର ଦେଖିପାରିବ । ଯେଉଁଟି ଆବଶ୍ୟକ ସେହି କାଲ୍‌କୁଲେଟର ପାଖରେ ଥିବା ବଟନ୍ ଉପରେ କ୍ଲିକ୍ କଲେ, ସେହି କାଲ୍‌କୁଲେଟରଟି ଦୃଶ୍ୟମାନ ହେବ ।


# କାଲ୍‌କୁଲେଟର ର ବିଭିନ୍ନ ଅଂଶ

**ଟାଇଟଲ୍ ବାର (Title Bar) –** 


ଏହାର ବାମପଟେ କାଲ୍‌କୁଲେଟର ଲେଖାଯାଇଥାଏ ଓ ଡାହାଣ ପଟେ ତିନୋଟି ବଟନ ଥାଏ । ପ୍ରଥମଟି ମିନିମାଇଜ ବଟନ୍ (Minimize), ମଝିଟି ମ୍ୟାକ୍ସିମାଇଜ ବଟନ(Maximise) ଓ ଶେଷଟି ହେଲା କ୍ଲୋଜ୍ ବଟନ୍ (Close) ।

**ମେନୁବାର(Menu Bar) –** 


ଏଥିରେ ତିନୋଟି ମେନୁ ଥାଏ । ଏଡିଟ୍ (Edit), ଭିଉ(View), ହେଲ୍ପ (Help)। ଏଗୁଡ଼ିକୁ କ୍ଲିକ୍ କଲେ ପ୍ରତ୍ୟେକର ଗୋଟିଏ ଗୋଟିଏ ଉପତାଲିକା ବାହାରିଆସେ ।

**ଡିସ୍‌ପ୍ଲେ ବକ୍ସ (Display Box)** 


କାଲ୍‌କୁଲେଟରର କୌଣସି ନମ୍ବର କି କୁ କ୍ଲିକ କଲେ ତାହା ଏହି ବକ୍ସରେ ଦେଖାଯାଏ । ନମ୍ବରଗୁଡିକୁ ନେଇ ବିଭିନ୍ନ ପ୍ରକ୍ରିୟାର ଫଳାଫଳ ମଧ୍ୟ ଆମେ ଏହି ଡିସ୍‌ପ୍ଲେ ବକ୍ସରେ ଦେଖିପାରିବା ।

## ଷ୍ଟାଣ୍ଡାର୍ଡ କାଲ୍‌କୁଲେଟରରେ କିପରି ହିସାବ କରାଯାଏ ଆସ, ଏକ ଉଦାହରଣ ନେଇ ଦେଖିବା

1. ମନେକରାଯାଉ ତୁମେ 5, 8 ଓ 23 ର ଯୋଗଫଳ ନିର୍ଣ୍ଣୟ କରିବ ।

- ପ୍ରଥମେ କାଲ୍‌କୁଲେଟର ଖୋଲିବା ପରେ ସି (C) ବଟନକୁ ମାଉସରେ କ୍ଲିକ୍ କରିବ ।
- ସି ହେଉଛି କ୍ଲିୟର ବଟନ୍ । କାଲ୍‌କୁଲେଟର ଡିସ୍‌ପ୍ଲେ ବକ୍ସରେ ଏବେ ଶୂନ (0) ଆସିବ ।
- ତା ପରେ କାଲ୍‌କୁଲେଟରରେ 5 ବଟନ୍ , ପ୍ଲସ ବଟନ (+), 8 ବଟନ, ପ୍ଲସ ବଟନ (+), 23ବଟନ, ସମାନ ଚିହ୍ନ ଥିବା ବଟନ ( = ) କୁ କ୍ରମାନ୍ୱୟରେ କ୍ଲିକ୍ କଲେ ଡିସ୍‌ପ୍ଲେ ବକ୍ସରେ ଉତ୍ତର 36 ପ୍ରଦର୍ଶିତ ହେବ । ନିଜେ କରି ଦେଖ ।

2. ତୁମେ 8 ÷ 4 x 3 ନିର୍ଣ୍ଣୟ କରିବାକୁ ଚାହୁଁଛ ତେବେ

- ପ୍ରଥମେ 8 ବଟନକୁ କ୍ଲିକ୍ କରି '/' ବଟନକୁ କ୍ଲିକ୍‌କରିବ ।
- ତାପରେ 4 ବଟନକୁ କ୍ଲିକ୍ କରି '=' ବଟନକୁ କ୍ଲିକ୍ କରିବ ।
- ସେଥିରେ ଯାହା ଆସିବ ତାକୁ 3 ସହିତ ଗୁଣନ କରିବ । ଅର୍ଥାତ୍ '=' ବଟନକୁ କ୍ଲିକ୍ କରିବା ପରେ '*' ବଟନକୁ କ୍ଲିକ୍‌କରି 3 ବଟନକୁ କ୍ଲିକ୍ କଲେ, ଏହାର ମାନ ଡିସପ୍ଲେ ବକ୍ସରେ 6 ପ୍ରଦର୍ଶିତ ହେବ ।

## ସାଇଣ୍ଟିଫିକ କାଲ୍‌କୁଲେଟରରେ କିପରି ହିସାବ କରାଯାଏ, ଆସ ଏକ ଉଦାହରଣ ନେଇ ଦେଖିବା ।

1. ମନେକରାଯାଉ ତୁମେ $4^3$ ର ମାନ ନିରୂପଣ କରିବ ।

- ପ୍ରଥମେ ସାଇଣ୍ଟିଫିକ୍ କାଲ୍‌କୁଲେଟରରେ 4 ବଟନକୁ କ୍ଲିକ୍ କରିବ ।
- ତାପରେ $x^y$ ବଟନକୁ କ୍ଲିକ୍ କରି 3 ବଟନକୁ କ୍ଲିକ୍ କରିବ ।
- ଏହା ପରେ = ବଟନକୁ କ୍ଲିକ୍ କରିବ ।
- ଏହାର ମାନ 64 ଡିସପ୍ଲେ ବକ୍ସରେ ଦେଖିବାକୁ ପାଇବ । ଏହା ଘାତ ପ୍ରକ୍ରିୟା ସମ୍ପର୍କିତ ପ୍ରଶ୍ନ ।

2. ସେହିପରି ଯଦି ତୁମେ 1728ର ଘନମୂଳ ନିର୍ଣ୍ଣୟ କରିବାକୁ ଚାହୁଁଛ ।

- ପ୍ରଥମେ 1728 କ୍ଲିକ କରିବ ।
- $\sqrt[y]{x}$ ବଟନକୁ କ୍ଲିକ୍ କରି ତାପରେ 3 ବଟନକୁ କ୍ଲିକ୍ କରିବ ।
- ଏହାର ମାନ ଡିସପ୍ଲେ ବକ୍ସରେ 12 ପ୍ରଦର୍ଶିତ ହେବ । ଏହା ମୂଳ ପ୍ରକ୍ରିୟା ସମ୍ପର୍କିତ ପ୍ରଶ୍ନ ।

## ପେଣ୍ଟ (PAINT)

ଏହା ଉଇଣ୍ଡୋଜ୍ ଆକ୍‌ସେସୋରିଜରେ ଥିବା ଏକ ବହୁ ଉପଯୋଗୀ ପ୍ରୋଗ୍ରାମ, ଯାହାଦ୍ୱାରା କୌଣସି ଚିତ୍ର ଅଙ୍କନ କରିପାରିବା ସଙ୍ଗେ ସଙ୍ଗେ ସେଗୁଡ଼ିକୁ ଆବଶ୍ୟକ ଅନୁଯାୟୀ ବିଭିନ୍ନ ରଙ୍ଗରେ ରଙ୍ଗାୟିତ କରିପାରିବ । ଏହି ପ୍ରୋଗ୍ରାମରେ ଥିବା କେତେଗୁଡ଼ିଏ ଟୁଲ ବା ସାଧନ ବ୍ୟବହାର କରି ଅନେକ ପ୍ରକାରର ଚିତ୍ର ଅଙ୍କନ କରିପାରିବ ।

### (କ) Windows 7 ପ୍ରଚାଳନ ପଦ୍ଧତି ବ୍ୟବହାର କରୁଥିଲେ ।

କମ୍ପ୍ୟୁଟରରେ ଏହି ପ୍ରୟୋଗଟିକୁ ଖୋଲିବା ପାଇଁ ନିମ୍ନରେ ଥିବା ପ୍ରବାହ ଚିତ୍ରଟିକୁ ଅନୁସରଣ କର ଓ ନିମ୍ନ ଚିତ୍ର ଦେଖ ।

**Start → All Programs → Accessories → Paint**

**ଷ୍ଟାର୍ଟ → ଅଲ ପ୍ରୋଗ୍ରାମସ୍ → ଆସେସୋରିଜ୍ → ପେଣ୍ଟ**

- ଟାସ୍କ ବାର ଉପରେ ଥିବା ଷ୍ଟାର୍ଟ ବଟନ୍ ଉପରେ କ୍ଲିକ୍ କର । ଦେଖିବ ଷ୍ଟାର୍ଟ ମେନୁ ଦୃଶ୍ୟମାନ ହେବ ।
- ଷ୍ଟାର୍ଟ ମେନୁ ଉପରେ ମାଉସ୍‌ର କର୍ସର ( Cursor)କୁ ନେଇ ଅଲ୍ ପ୍ରୋଗ୍ରାମସ (All Programs) ପାଖରେ ପହଞ୍ଚ, ଦେଖିବ ଏକ ଉପତାଲିକା ବାହାରି ଆସିବ ।
- ବର୍ତ୍ତମାନ କର୍ସରକୁ ଆସେସୋରିଜ୍ ପାଖକୁ ନେଲେ ପୁଣି ତାହାର ଏକ ଉପତାଲିକା ଦୃଶ୍ୟମାନ ହେବ ।
- ସେହି ତାଲିକାରେ ଥିବା ପେଣ୍ଟ ଉପରେ କ୍ଲିକ୍ କଲେ ପେଣ୍ଟ ଉଇଣ୍ଡୋ ପ୍ରଦର୍ଶିତ ହେବ ।




## (ଖ) Windows 10 ପ୍ରଚାଳନ ପଦ୍ଧତି ବ୍ୟବହାର କରୁଥିଲେ

କମ୍ପ୍ୟୁଟରରେ ଏହି ପ୍ରୟୋଗଟିକୁ ଖୋଲିବାପାଇଁ ନିମ୍ନରେ ଥିବା ପ୍ରବାହ ଚିତ୍ରଟିକୁ ଅନୁସରଣ କର । ନିମ୍ନ ଚିତ୍ରଟି ପ୍ରଦର୍ଶିତ ହେବ ।


**Start → All Apps → Windows accessories → Paint**

**ଷ୍ଟାର୍ଟ → ଅଲ ଆପ୍‌ସ → ଉଇଣ୍ଡୋଜ୍ ଆସେସୋରିଜ୍ → ପେଣ୍ଟ**




### ପେଣ୍ଟ ଉଇଣ୍ଡୋର ଉପାଂଶ (Parts of Paint Window)

ନିମ୍ନ ଚିତ୍ରରେ ଏହାର ଉପାଂଶଗୁଡ଼ିକ ଦର୍ଶାଯାଇଛି ।



### ଟାଇଟଲ୍ ବାର (Title Bar)

ଏହାର ବାମ ପାର୍ଶ୍ୱରେ ଟାଇଟଲର ନାମ ରହିଥାଏ । ଏହାର ଦକ୍ଷିଣ ପାର୍ଶ୍ୱରେ ତିନୋଟି ବଟନ  ଥାଏ । ତାହା ହେଲା ମିନିମାଇଜ୍, ମ୍ୟାକ୍ସିମାଇଜ୍ ଓ କ୍ଲୋଜ୍ ବଟନ ।

### କୁଇକ ଆକ୍ସେସ୍ ଟୁଲବାର (Quick Access Tool Bar)

ଏହା ଟାଇଟଲ ବାରର ବାମ ପାର୍ଶ୍ୱରେ ଅଛି । ତୁରନ୍ତ କାର୍ଯ୍ୟ କରିବା ପାଇଁ କେତେକ ଟୁଲ୍ସ ରହିଛି, ଯାହାକୁ ବ୍ୟବହାର କରି ସିଧାସଳଖ କାମ କରିହେବ ।

### ରିବନ (Ribbon)

ଏହା ପେଣ୍ଟର ସବୁଠାରୁ ଉପଯୋଗୀ ଅଂଶ । ଏଥିରେ ଡ୍ରଇଂ କରିବା ପାଇଁ ସମସ୍ତ ଟୁଲସ୍ (Tools) ଉପଲବ୍ଧ । ଯଥା- ପେନସିଲ୍ (Pencil), ରବର (Eraser), ବ୍ରସ୍ (Brush), ଟେକ୍ସଟ (Text), ମ୍ୟାଗ୍ନିଫାୟାର ( Magnifier), ଇତ୍ୟାଦି । ସେପସ୍ (Shapes) ଟୁଲ୍‌ସ ବ୍ୟବହାର କରି ଆୟତଚିତ୍ର (Rectangle), ବର୍ଗଚିତ୍ର ( Square), ବୃତ୍ତ (Circle), ଉପବୃତ୍ତ (Ellipse) ଆଦି ଅଙ୍କନ କରିପାରିବ । କଲର ପ୍ୟାଲେଟ୍ (Colour Pallett) ରେ ଥିବା ବିଭିନ୍ନ ପ୍ରକାର ରଙ୍ଗ ବ୍ୟବହାର କରିପାରିବ ।

### ଡ୍ରଇଂ ଏରିଆ (Drawing Area)

ଏହି ଅଞ୍ଚଳରେ ଡ୍ରଇଂ କରାଯାଏ ।

## ପେଣ୍ଟ ସାହାଯ୍ୟରେ ଡ୍ରଇଂ

### ଆୟତଚିତ୍ର ଅଙ୍କନ (Drawing Rectangle)

- ପେଣ୍ଟ ଉଇଣ୍ଡୋଜ୍‌ରେ ଥିବା ରିବନ ଅଂଶରେ ଥିବା ସେପ୍‌ସ୍ (Shapes) ଉପରେ କ୍ଲିକ୍ କରିବ ।
- ସେଥିରେ ବହୁତ ଗୁଡ଼ିଏ ଆକୃତି ଆସିବ । ସେମାନଙ୍କ ମଧ୍ୟରୁ ଆୟତଚିତ୍ର ଉପରେ କ୍ଲିକ୍ କରିବ ।
- ତାପରେ ମାଉସ୍‌ର ବାମ ବଟନକୁ ଦବାଇ ରଖି ଡ୍ରଇଂ ଅଂଚଳକୁ ଆଣି ଡ୍ରାଗ କରିବ ।
- ସଙ୍ଗେ ସଙ୍ଗେ ଗୋଟିଏ ଆୟତ ଚିତ୍ର ହୋଇଯିବ ।
- ମାଉସ ସାହାଯ୍ୟରେ ଏହାକୁ ତୁମେ ବଡ଼ ବା ସାନ କରିପାରିବ ।

ସେହିପରି ରିବନ୍‌ରେ ଯେତେସବୁ ଆକୃତି ଅଛି ଯଥା – ବର୍ଗଚିତ୍ର, ବୃତ୍ତ, ଉପବୃତ୍ତ, ରେଖାଖଣ୍ଡ ଇତ୍ୟାଦିର ଚିତ୍ର ଅଙ୍କନ କରିପାରିବ ।

### ଫ୍ରି ହ୍ୟାଣ୍ଡ ଡ୍ରଇଂ (Free hand Drawing)

- ଏଥିପାଇଁ ପେନ୍‌ସିଲ କିମ୍ବା ବ୍ରସ ଉପରେ କ୍ଲିକ୍ କରି ଡ୍ରଇଂ ଅଞ୍ଚଳରେ ମାଉସ୍‌କୁ ବିଭିନ୍ନ ଆକାରରେ ଟଳଔଶ (ଡ୍ରାଗ୍) କରି ଭିନ୍ନ ଭିନ୍ନ ଚିତ୍ର ଅଙ୍କନ କରିପାରିବ ।

- ଡ୍ରଇଂ ରେଖାଗୁଡ଼ିକର ପ୍ରସ୍ଥ ବଡ଼ ସାନ କରିପାରିବା ସଂଗେ ସଂଗେ ବିଭିନ୍ନ ରଂଗ ମଧ୍ୟ ଦେଇପାରିବ ।
- ଚିତ୍ରରେ କିଛି ଭୁଲ ହେଲେ, ରବର ଉପରେ କ୍ଲିକ୍ କରି ମାଉସ ଡ୍ରାଗ କରି କୌଣସି ଅଦରକାରୀ ଅଂଶକୁ ଲିଭାଇପାରିବ ।
- ଅନଡୁ (Undo) ଓ ରିଡୁ (Redo) ଚିହ୍ନ ଉପରେ କ୍ଲିକ କରି ପୁର୍ବରୁ ଅଙ୍କିତ ଚିତ୍ରକୁ ପୁଣି ପ୍ରଦର୍ଶିତ କରିହେବ ବା ପରେ ଅଙ୍କିତ ଚିତ୍ରର ପୃଷ୍ଠାକୁ  ଯାଇହେବ ।
- ଯଦି ଅକାରଣରେ ଗୋଟିଏ ଗାର ପଡ଼ିଗଲା ବା ଆକାର ଭୁଲ ହେଲା, ଏହାକୁ ନ ହେବା ପାଇଁ ଅନଡୁ ବଟନ କ୍ଲିକ କଲେ, ତାହା ଯାହା ଥିଲା ତାହା ଆସିଯିବ ।
- ସେହିପରି ରିଡୁ ବଟନ କ୍ଲିକ କରି ଆଗ କାର୍ଯ୍ୟକ୍ରମକୁ ଯାଇହେବ ।

## ପାଠ୍ୟ ଲିଖନ (Writing Text)

ଡ୍ରଇଂ ଅଞ୍ଚଳରେ ଚିତ୍ର କରିବା ସଂଗେ ସଂଗେ ଟେକ୍ସଟ ଟୁଲସ୍ ସାହାଯ୍ୟରେ ପାଠ୍ୟ ଲେଖିପାରିବ । ଏଥିପାଇଁ ପ୍ରଥମେ ଟେକ୍ସଟ ଟୁଲ ଉପରେ କ୍ଲିକ କରି ଡ୍ରଇଂ ଅଞ୍ଚଳରେ ମାଉସ୍ ଡ୍ରାଗ କଲେ, ଏକ ଟେକ୍ସଟ ବକ୍ସ ଆସିବ ଏବଂ ସେଥିରେ ଏକ କର୍ସର ଦପ ଦପ ହେଉଥିବାର ଦେଖିପାରିବ । କର୍ସର ଉପରେ ମାଉସ କ୍ଲିକ କରି କି’ ବୋର୍ଡ ସାହାଯ୍ୟରେ କୌଣସି ପାଠ୍ୟ ଲେଖିପାରିବ ।

ଡ୍ରଇଂ କାର୍ଯ୍ୟ ସମାପ୍ତ ହେଲା ପରେ ଫାଇଲ ମେନୁକୁ ଯାଇ ସେଭ (Save) ବଟନ ଉପରେ କ୍ଲିକ କରିବ । ତାପରେ ଗୋଟିଏ ସେଭ ବକ୍ସ ଖୋଲିଯିବ । ସେଥିରେ ଫାଇଲର ନାମ ଲେଖି ସେଭ କରିପାରିବ ।

## କମ୍ପାକ୍ଟ ଡିକ୍ସ : ସିଡି (Compact Disc: CD)

- ଏହା ଏକ ବାହ୍ୟ ସଂଚୟ ସାଧନ (External Storage Device) ।
- ଏକ ସାଧାରଣ ସିଡିର ବ୍ୟାସ 4.7 ଇଞ୍ଚ ଓ ତଥ୍ୟ ଧାରଣ କ୍ଷମତା 700 ଏମ୍. ବି. (MB) ହୋଇଥାଏ । ଏଥିରେ ଯଦି ସମ୍ପୂର୍ଣ୍ଣ ଭିଡିଓ ଫାଇଲ୍ ଥାଏ, ତାହା ୫୦ ମିନିଟ୍ ପର୍ଯ୍ୟନ୍ତ ଚାଲିଥାଏ । ଏହା ସାହାଯ୍ୟରେ ଆମେ କୌଣସି ପାଠ୍ୟ, ଗୀତ, ଭିଡିଓ, ଫାଇଲ ଆଦିକୁ ଷ୍ଟୋର କରିପାରିବ । ସିଡିକୁ କମ୍ପ୍ୟୁଟରରେ ଥିବା ସିଡି ଡ୍ରାଇଭ୍ (CD Drive) ମଧ୍ୟରେ ପ୍ରବେଶ କରାଇ ଏଥିରେ ଥିବା ଫାଇଲ ଗୁଡ଼ିକ ଦେଖିପାରିବ ।



- ଆବଶ୍ୟକ ଫାଇଲରେ ଡବଲ କ୍ଲିକ କଲେ, ସେହି ଫାଇଲଟି କମ୍ପ୍ୟୁଟର ପରଦାରେ ତୁମେ ଦେଖିପାରିବ ।
- ଏଥିରେ ଥିବା କୌଣସି ଫାଇଲ କମ୍ପ୍ୟୁଟର ମଧ୍ୟକୁ ନେବାକୁ ହେଲେ ପ୍ରଥମେ ସେହି ଫାଇଲରେ ରାଇଟ କ୍ଲିକ କରି କପି କରିବ ଓ ପରେ କମ୍ପ୍ୟୁଟରରେ ମଧ୍ୟରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ତାକୁ ପେଷ୍ଟ କରିବ ।

- ଠିକ୍ ସେହିପରି ତୁମେ କମ୍ପ୍ୟୁଟରରେ ଥିବା କୌଣସି ଫାଇଲକୁ କପି କରି ସିଡି ମଧ୍ୟକୁ ନେଇପାରିବ । ଏଥିପାଇଁ ସିଡି ରାଇଟର (CD Writer)ର ଆବଶ୍ୟକତା ପଡ଼ିଥାଏ । ସେହି ସିଡିଗୁଡ଼ିକରେ ଥରେ ରାଇଟ କରିସାରିବା ପରେ ପୁନର୍ବାର ଆଉ ରାଇଟ କରିପାରିବା ନାହିଁ । ଏଥିରେ ଥରେ ମାତ୍ର ରାଇଟ କରାଯାଏ କିନ୍ତୁ ଏବେ ସବୁ ପୁନଃବ୍ୟବହାରକ୍ଷମ ସିଡି ଆସିଲାଣି । ସେଥିରେ ଗୋଟିଏ ଡାଟାକୁ ଲିଭାଇ ଅନ୍ୟ ଡାଟାକୁ ଲେଖିହେବ । ତାହାକୁ ପୁନଃ-ଲିଖନ ସିଡି (Re-Writable CD) କୁହାଯାଏ ।

## ଡିଜିଟାଲ ଭିଡିଓ ଡିସ୍କ (Digital Video Disk: DVD)




- ଏହା ବ୍ୟତୀତ ଆଉ ଏକ ବିଶେଷ ଧରଣର ସିଡି ବ୍ୟବହାର କରାଯାଉଛି, ଯାହାକୁ ଡି. ଭି. ଡି (DVD) କୁହାଯାଏ ।
- ଏହା ଦେଖିବାକୁ ସିଡି ପରି କିନ୍ତୁ ଅଳ୍ପ ଟିକେ ମୋଟା । ଏହାର କ୍ଷମତା ସିଡି ଠାରୁ ବହୁତ ଅଧିକ । ଗୋଟିଏ ଡିଭିଡିର ତଥ୍ୟ ଧାରଣ କ୍ଷମତା 4.7ଜି.ବି. (1GB = 1024 MB) । ଗୋଟିଏ ଡିଭିଡିରେ ତିନି ବା ଚାରୋଟି ଚଳଚିତ୍ର ରହିପାରିବ । ବହୁତ ପରିମାଣର ତଥ୍ୟକୁ ଏଥିରେ ରଖିପାରିବ ।
- DVD ପୁଣି ଦୁଇପ୍ରକାରର । ଗୋଟିଏ ସାଧାରଣ ଡିଭିଡି ଆଉ ଗୋଟିଏ ପୁନଃ ବ୍ୟବହାରକ୍ଷମ ଡିଭିଡି (Re-Writable DVD) ।
- ସିଡି ପରି ପୁନଃବ୍ୟବହାରକ୍ଷମ ଡିଭିଡିକୁ ତୁମେ ବାରମ୍ବାର ବ୍ୟବହାର କରିପାରିବ । ସେଥିରେ ଡାଟା ବା ଅନ୍ୟ କିଛି ଗୀତ କିମ୍ବା ଚଳଚିତ୍ର ଷ୍ଟୋର କରିବାକୁ ହେଲେ, ଡିଭିଡି ରାଇଟର ( DVD Writer)ର ଆବଶ୍ୟକତା ପଡ଼େ ।

## ପେନ୍ ଡ୍ରାଇଭ୍ (Pen Drive)





ଆଜି କାଲି ସିଡି ବଦଳରେ ପେନ ଡ୍ରାଇଭ୍‌ର ବହୁଳ ପ୍ରଚଳନ ହେଉଛି ।


- ପେନ୍ ଡ୍ରାଇଭ୍ ବହୁତ ଛୋଟ ହୋଇଥିବା ଯୋଗୁଁ ପକେଟ ମଧ୍ୟରେ ସହଜରେ ନେଇହୁଏ । ଏହା 1 ଜିବି (GB), 2 ଜିବି (GB), 4 ଜିବି (GB), 8 ଜିବି (GB), 16 ଜିବି (GB), 32 ଜିବି (GB) ଆଦି କ୍ଷମତା ବିଶିଷ୍ଟ ହୋଇପାରେ ଓ ବିଭିନ୍ନ କମ୍ପାନୀ ଦ୍ୱାରା ତିଆରି ଏହି ପେନ୍ ଡ୍ରାଇଭ ବଜାରରେ ଉପଲବ୍ଧ ହୋଇଥାଏ ।
- କମ୍ପ୍ୟୁଟରର ସିପିୟୁ (CPU) ମଧ୍ୟରେ ୟୁଏସବି ପୋର୍ଟ (USB Port) ଥାଏ । ସେଥିରେ ପେନ୍ ଡ୍ରାଇଭ୍‌କୁ ପ୍ରବେଶ କରାଇଲେ କମ୍ପ୍ୟୁଟର ପରଦାରେ ତାହା ଦେଖାଯାଏ । ଯଦି ପେନ୍ ଡ୍ରାଇଭ୍‌କୁ କିଛି ନାମ ଦିଆଯାଇଥାଏ, ତେବେ ତାହା ସେହି ନାମକୁ ପ୍ରଦର୍ଶନ କରେ ।

- ପେନ୍ ଡ୍ରାଇଭ୍‌ରେ ଡବଲ କ୍ଲିକ୍ କଲେ, ସେଥିରେ ଥିବା ଫାଇଲଗୁଡ଼ିକ ଦେଖିପାରିବ । ସେଗୁଡ଼ିକୁ ଚାହିଁଲେ କମ୍ପ୍ୟୁଟର ମଧ୍ୟକୁ କପି କରି ନେଇ ହେବ । ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ଫାଇଲରେ ପ୍ରଥମେ ରାଇଟ କ୍ଲିକ କରି କପି କରିବ ଓ କମ୍ପ୍ୟୁଟରର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପୁଣି ରାଇଟ କ୍ଲିକ କରି ପେଷ୍ଟ କରିପାରିବ ।
- ସେହିପରି କୌଣସି ଫାଇଲକୁ ତୁମେ କମ୍ପ୍ୟୁଟରରୁ ପେନ ଡ୍ରାଇଭକୁ ଓ ପେନ ଡ୍ରାଇଭରୁ କମ୍ପ୍ୟୁଟର ମଧ୍ୟକୁ ନେଇପାରିବ । ଏହା ସିଡିଠାରୁ ଅନେକ ଦୃଷ୍ଟିରୁ ଉନ୍ନତ । ବର୍ତ୍ତମାନ ସିଡି ଅପେକ୍ଷା ପେନ ଡ୍ରାଇଭ ବ୍ୟବହାର ଅଧିକ ହେଉଛି । ଅଧିକ data ଟେରାବାଇଟ୍‌ରେ ସ୍ଥାୟୀ ଭାବରେ ରଖିବାକୁ ହେଲେ, External Hardisk ବ୍ୟବହାର କରାଯାଇପାରେ ।

## ଉଇଣ୍ଡୋଜ୍ ମେଡିଆ ପ୍ଲେୟାର (Windows Media Player)

ଏହା ଦ୍ୱାରା ବିଭିନ୍ନ ଅଡିଓ (Audio) ଓ ଭିଡିଓ କ୍ଲିପ (Video clip) ଶୁଣିପାରିବ ଓ ଦେଖିପାରିବ । ବିଭିନ୍ନ (Sound Effect) ସାଉଣ୍ଡ ଇଫେକ୍ଟ ଦେଇପାରିବ । ଏଥିରେ Volume Control, Forward, Backword, Pause, Play ଆଦି




Windows Media Player

ମେନୁ ଥାଏ । କୌଣସି ଭିଡ଼ିଓ କିମ୍ବା ଅଡ଼ିଓ ଫାଇଲକୁ ଆଗକୁ କିମ୍ବା ପଛକୁ କରି ଦେଖିପାରିବ । ସାଉଣ୍ଡ (Sound) ବଢ଼େଇପାରିବ ଓ କମାଇପାରିବ । ପ୍ଲେ ବଟନ୍ (Play button) କ୍ଲିକ୍ କରିବା ଦ୍ୱାରା ଭିଡିଓ କିମ୍ବା ଅଡିଓ ଫାଇଲକୁ କିଛି ସମୟ ବନ୍ଦ ରଖିପାରିବ । ପ୍ଲେ ବଟନ୍‌କୁ କ୍ଲିକ୍ କଲେ ପୁନର୍ବାର ଏହା ଚାଲୁ ହୋଇପାରିବ ।

## ଇଣ୍ଟରନେଟ୍ (Internet)

ଏବେ ଆମ ସମାଜରେ ‘ଇଣ୍ଟରନେଟ’ ହେଉଛି ଏକ ବହୁ-ପ୍ରଚଳିତ ଶବ୍ଦ । ଆମ ବିଦ୍ୟାଳୟର ମେଧାବୃତ୍ତି ପରୀକ୍ଷାଠାରୁ ଆରମ୍ଭକରି ବୋର୍ଡ ପରୀକ୍ଷା ପର୍ଯ୍ୟନ୍ତ ଫର୍ମ ପୂରଣ, ପରୀକ୍ଷା ଫଳ ପ୍ରକାଶନ ଆଦି କାମ ‘ଇଣ୍ଟରନେଟ’ (Internet) ମାଧ୍ୟମରେ ହେଉଛି । ଚିଠିପତ୍ର ଆଦାନ ପ୍ରଦାନ ପାଇଁ ଇଣ୍ଟରନେଟର ବ୍ୟବହାର କରାଯାଉଛି । ରେଳ ଟିକଟ କ୍ରୟ ଠାରୁ ବ୍ୟାଙ୍କ କାରବାର ପର୍ଯ୍ୟନ୍ତ କାମରେ ଇଣ୍ଟରନେଟର ସହାୟତା ନିଆଯାଉଛି । ସାରା ବିଶ୍ୱର ଯେକୌଣସି ତଥ୍ୟ ମଧ୍ୟ ଆମେ ଇଣ୍ଟରନେଟରୁ ପାଇପାରୁଛୁ ।

ଏବେ ଆମ ପାଠପଢ଼ାର ମୁଖ୍ୟ ଉପକରଣ ହେଉଛି ଇଣ୍ଟରନେଟ । ତେଣୁ ଏହା ବିଷୟରେ ଜାଣିବା ଆମ ପାଇଁ ନିହାତି ଜରୁରୀ । ଏବିଷୟରେ ସବିଶେଷ ପାଠ ପର ଶ୍ରେଣୀରେ ପଢ଼ିବା । ଏବେ କେବଳ ଇଣ୍ଟରନେଟର ବ୍ୟବହାର କୌଶଳ ଜାଣିବା ।

ଇଣ୍ଟରନେଟ ବ୍ୟବହାରର ମୁଖ୍ୟ ଉପକରଣ ହେଉଛି କମ୍ପ୍ୟୁଟର । ଏଥିପାଇଁ କମ୍ପ୍ୟୁଟରରେ ଇଣ୍ଟରନେଟ ସଂଯୋଜିତ ହୋଇଥାଏ । ଏହି ସଂଯୋଗ ପାଇଁ ମୋଡେମ୍ (Modem) ନାମକ ଏକ ଉପକରଣ ବା ଅନ୍ୟ କୌଣସି ମାଧ୍ୟମର ସହାୟତା ନିଆଯାଏ ।

ଧରାଯାଉ କମ୍ପ୍ୟୁଟରଟିରେ ଇଣ୍ଟରନେଟ ସଂଯୋଜିତ ହୋଇଛି । ଏବେ ଆମେ ଏଥିରେ କାମ ଆରମ୍ଭ କରିବା-

### ଆସ ! ଇଣ୍ଟରନେଟରେ କାମ କରିବା

ପ୍ରଥମେ କମ୍ପ୍ୟୁଟରକୁ ଚାଲୁ କରିବା । ମନିଟରର ଡେସ୍କଟପ୍ ପରଦା ଉପରେ ଇଣ୍ଟରନେଟ ଖୋଲିବା ପାଇଁ ଗୋଟିଏ ବା ଏକାଧିକ ଆଇକନ୍ ଥାଏ । ସେହି ଆଇକନ୍‌ରେ କ୍ଲିକକରି ଇଣ୍ଟରନେଟ ଖୋଲି ପାରିବା । ସେହି ଆଇକନ୍‌ଗୁଡିକ ଇଣ୍ଟରନେଟ ବ୍ରାଉଜର୍ (Browser)ର ଆଇକନ୍ । ସେସବୁ ହେଲା- ଇଣ୍ଟରନେଟ ଏକ୍ସପ୍ଲୋରର୍ (Internet Explorer), ଗୁଗୁଲ କ୍ରୋମ୍ (Google Chrome), ଫାୟାର୍‌ଫକ୍ସ (Firefox), ମାଇକ୍ରୋସଫ୍ଟ ଏଜ୍ (Microsoft Edge), ଆଦି ଅନେକ ।

Internet Explorer | Google Chrome | Firefox | Microsoft Edge

କୌଣସି ତଥ୍ୟ ଖୋଜିବା ପାଇଁ ସର୍ଚ୍ଚ ଇଞ୍ଜିନ୍ (Search Engine) ଉପଯୋଗ କରାଯାଏ । ୟାହୁ (Yahoo) ଗୁଗୁଲ (Google), ବିଂ (Bing) ଆଦି ଗୋଟିଏ ଗୋଟିଏ ସର୍ଚ୍ଚ ଇଞ୍ଜିନ୍ । ଧରାଯାଉ ଆମେ ଗୁଗୁଲ (Google) ସର୍ଚ୍ଚ ଇଞ୍ଜିନ୍ ଆଇକନ୍ ଉପରେ କ୍ଲିକ୍ କରିବା । ତଳ ଚିତ୍ରଟି ପରି ଏହାର ପରଦାଟି ଖୋଲିଯିବ ।




ଲକ୍ଷ୍ୟକର ! Google ଲେଖାଥିବା ଲୋଗୋ ତଳେ ଗୋଟିଏ ଫାଙ୍କା ବାକ୍ସଟିଏ ଅଛି । ଏହି ବାକ୍ସ ଭିତରେ ଆମେ ଚାହୁଁଥିବା ତଥ୍ୟ ବିଷୟରେ ଲେଖିବା । ଆମେ ଅନୁସନ୍ଧାନ ବା ସର୍ଚ୍ଚ (Search) କରୁଥିବା ତଥ୍ୟର ଏକ ତାଲିକା ବାହାରିବ । ଏହି ତାଲିକାରୁ ଆବଶ୍ୟକୀୟ ବିକଳ୍ପ ଉପରେ କ୍ଲିକ୍ କଲେ ଆମେ ଖୋଜୁଥିବା ପୃଷ୍ଠାଟି ଖୋଲିଯିବ ।




ସର୍ଚ୍ଚ (Search) ଫଳାଫଳର ଏକ ତାଲିକା

ଧରାଯାଉ ଆମେ 'ବିଜୁ ପଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ'ର ପୃଷ୍ଠାଟି ଖୋଜୁଛୁ ତେଣୁ ଅନୁସନ୍ଧାନ ବା ସର୍ଚ୍ଚ (Search) କରିବା ପାଇଁ ଲେଖିବା 'BPUT' ଏବଂ ସର୍ଚ୍ଚ (Search) ଫଳାଫଳର ଏକ ତାଲିକା ପାଇବା । ଏହି ତାଲିକାରୁ ଆମେ ଚାହୁଁଥିବା ବିକଳ୍ପକୁ କ୍ଲିକ୍ କରିବା । ଏହାପରେ ଆବଶ୍ୟକୀୟ ପୃଷ୍ଠାଟି ମିଳିଯିବ ।

ଉପର ଚିତ୍ରରେ 'ବିଜୁ ପଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ'ର ଅନେକ ତଥ୍ୟ ରହିଛି । ସେହି ତଥ୍ୟଗୁଡ଼ିକୁ ଆମେ ଖୋଜୁଥିଲେ ।




ଉପରୋକ୍ତ ଉପାୟରେ ସମଗ୍ର ବିଶ୍ୱର ଯେକୌଣସି ତଥ୍ୟ ଆମେ ଘରେ ବସି ଜାଣିପାରିବା । ଆଜିର ଯୁଗକୁ 'କମ୍ପ୍ୟୁଟର ଯୁଗ' ବୋଲି କୁହାଯାଉଥିଲା । ଏବେ କିନ୍ତୁ ଆଜିର ଯୁଗକୁ 'ଇଣ୍ଟରନେଟ ଯୁଗ' ବୋଲି କୁହାଗଲାଣି ।

'ଇଣ୍ଟରନେଟ'ର ଅନ୍ୟ ଏକ ମହତ୍ୱପୂର୍ଣ୍ଣ ଉପଯୋଗ ହେଉଛି ଇ-ମେଲ୍ (E-Mail) ପ୍ରେରଣ । ଏ ବିଷୟରେ ଆମେ ଦ୍ୱିତୀୟ ଭାଗ ପୁସ୍ତକରେ ପଢିବା । ଆଗ୍ରହୀ ଶିକ୍ଷାର୍ଥୀଗଣ ଶିକ୍ଷକଙ୍କ ସହାୟତାରେ ଏବେ ମଧ୍ୟ ଶିଖିପାରିବେ ।

## ଆସ ! କମ୍ପ୍ୟୁଟର ପରୀକ୍ଷାଗାରକୁ ଯିବା

1. କମ୍ପ୍ୟୁଟର ପରଦାରେ ଉଇଣ୍ଡୋଜ୍ ଆସେସୋରିଜ୍ (Windows accessories)କୁ ଖୋଲ । ସେଥିରେ ଆସୁଥିବା ଡ୍ରପଡାଉନ ମେନୁ (Dropdown Menu)ରେ କ'ଣ କ'ଣ ପ୍ରୟୋଗ ଅଛି, ସେଗୁଡିକୁ ଲେଖ ।
2. ନୋଟପ୍ୟାଡ୍ ସାହାଯ୍ୟରେ ତୁମର ନାମ, ତୁମ ବାପା ଓ ମାଆଙ୍କ ନାମ, ତୁମ ବିଦ୍ୟାଳୟର ନାମ, ତୁମର ତିନି ଜଣ ଭଲ ସାଙ୍ଗର ନାମ ଲେଖ ।
3. ୱାର୍ଡପ୍ୟାଡ୍ ଖୋଲ ଓ ସେଥିରେ ନିମ୍ନୋକ୍ତ ଡକୁମେଣ୍ଟ (Document) ଟି ଲେଖ ଏବଂ ତାକୁ ଗୋଟିଏ ଫାଇଲ ନାମ ଦେଇ ସେଭ୍ କର ।

September 9, 2016

Dear Rinki,

I would like to inform you that a new book on Computer for Class VI is going to be published very soon. You collect a copy of that book as soon as possible. It is very simple and nice. We can learn Computer by reading that book.


Your friend Ayush


4. କାଲ୍‌କୁଲେଟର ସାହାଯ୍ୟରେ ନିମ୍ନୋକ୍ତ ଗାଣିତିକ ପ୍ରଶ୍ନର ଉତ୍ତର ବାହାର କରି ଲେଖ ।

(କ) (82÷41) x23 + 76 (ଖ) 87 x 42+35 – 21

(ଗ) $6^8 = ?$ (ଘ) $\sqrt[3]{13824} = ?$

5. ପେଣ୍ଟ ଉଇଣ୍ଡୋ (Paint Window) ଖୋଲି ନିମ୍ନୋକ୍ତ ଚିତ୍ର ଦୁଇଟି କର ଓ ତାକୁ ରଙ୍ଗ ଦିଅ ।





6. ପେଣ୍ଟ ସାହାଯ୍ୟରେ ଆମ ଜାତୀୟ ପତାକାର ଏକ ଚିତ୍ର କର ।

7. ପେଣ୍ଟ ସାହାଯ୍ୟରେ ନିମ୍ନରେ ପ୍ରଦର୍ଶିତ ଚିତ୍ରଟି ପରି ଏକ ଚିତ୍ର କରି, ତାକୁ ରଙ୍ଗ ଦିଅ ।



8. ପେନ୍‌ଡ୍ରାଇଭ୍ ସାହାଯ୍ୟରେ ଗୋଟିଏ କମ୍ପ୍ୟୁଟରରୁ ଏକ ମ୍ୟୁଜିକ ଫାଇଲ୍ (Music file) ଓ ଭିଡିଓ ଫାଇଲ (Video file) କପି କରି ନେଇ ଅନ୍ୟ ଗୋଟିଏ କମ୍ପ୍ୟୁଟରରେ ସେଭ କର ।

## ଆମେ କ'ଣ ଶିଖିଲେ

- ଉଇଣ୍ଡୋଜ ଆସେସୋରିଜ ଖୋଲିବାର ପ୍ରବାହ ଚିତ୍ର ହେଉଛି-

  (i) ଉଇଣ୍ଡୋଜ 7 ପ୍ରଚାଳକ ପାଇଁ-

  ଷ୍ଟାର୍ଟ → ଅଲ ପ୍ରୋଗ୍ରାମସ୍ → ଆସେସୋରିଜ୍

  **Start → All Programs →Accessories**

  (ii) Window 10 ପ୍ରଚାଳକ ପାଇଁ

  ଷ୍ଟାର୍ଟ → ଅଲ ଆପ୍ସ → ଉଇଣ୍ଡୋଜ୍ ଆସେସୋରିଜ୍

  **Start → All Programs → Windows Accessories**

- ଉଇଣ୍ଡୋଜ୍ ଆସେସୋରିଜ୍‌ର ଉପତାଲିକା ଖୋଲିଗଲା ପରେ ଆମେ ଆବଶ୍ୟକୀୟ ବିକଳ୍ପରେ କ୍ଲିକ୍ କରି ଆମେ ଚାହୁଁଥିବା ପ୍ରୋଗାମ୍‌ଟି ପାଇପାରିବା ।
- ଉଇଣ୍ଡୋଜ୍ ଆସେସୋରିଜ୍ (Windows Accessories)ରେ ଥିବା କେତେଗୁଡ଼ିଏ ଆବଶ୍ୟକୀୟ ପ୍ରୋଗ୍ରାମଗୁଡ଼ିକ ହେଲା ନୋଟ୍ ପ୍ୟାଡ୍, ୱାର୍ଡ ପ୍ୟାଡ୍, ପେଣ୍ଟ, କାଲକୁଲେଟର ଇତ୍ୟାଦି ।
- ନୋଟ୍‌ପ୍ୟାଡ୍ (Notepad) ଏକ ପାଠ୍ୟ ସଂପାଦକ (Text Editor) ପ୍ରୋଗ୍ରାମ । ଏଥିରେ କିଛି ଛୋଟ ଛୋଟ ଚିଠି ଅଥବା ଠିକଣା ପ୍ରଭୃତି ଲେଖାହୁଏ । ଏହା ଏକ ସରଳ ପାଠ୍ୟ ସଂପାଦକ ରୂପେ ପରିଚିତ ।
- ୱାର୍ଡପ୍ୟାଡ୍ (WordPad) ନୋଟପ୍ୟାଡ୍ ଠାରୁ ଅଧିକ ଉନ୍ନତ ଧରଣର ଟେକ୍ସଟ୍ ଏଡିଟର (Text Editor) ।
- କାଲକୁଲେଟର ସାହାଯ୍ୟରେ ବିଭିନ୍ନ ହିସାବ କାର୍ଯ୍ୟ ସମ୍ପାଦନ କରାଯାଏ । ଏହା ଦୁଇ ପ୍ରକାରର ଷ୍ଟାଣ୍ଡାର୍ଡ଼ କାଲ୍‌କୁଲେଟର (Standard Calculator) ଓ ସାଇଣ୍ଟିଫିକ୍ କାଲ୍‌କୁଲେଟର (Scientific Calculator).
- ଷ୍ଟାଣ୍ଡାର୍ଡ଼ କାଲକୁଲେଟର ଦ୍ୱାରା ସରଳ ଗାଣିତିକ ପ୍ରକ୍ରିୟା ଓ ସାଇଣ୍ଟିଫିକ୍ କାଲକୁଲେଟର ଦ୍ୱାରା ସରଳ ଗାଣିତିକ ପ୍ରକ୍ରିୟା ସହିତ ଜଟିଳ ଗାଣିତିକ ପ୍ରକ୍ରିୟା ମଧ୍ୟ ସମ୍ପାଦନ କରାଯାଏ ।
- ପେଣ୍ଟ (Paint) ଏକ ବହୁ ଉପଯୋଗୀ ପ୍ରୋଗ୍ରାମ ଯାହାଦ୍ୱାରା ଚିତ୍ର ଅଙ୍କନ କରିବା ସହିତ ସେଗୁଡ଼ିକୁ ଆବଶ୍ୟକ ଅନୁଯାୟୀ ରଙ୍ଗ ଦିଆଯାଇପାରିବ ।
- ସିଡି (CD- Compact Disc) ଏକ ବାହ୍ୟ ସଞ୍ଚୟ ସାଧନ (External Storage Device) । ଏକ ସାଧାରଣ ସିଡିର ବ୍ୟାସ 4.7 ଇଂଚ୍ ଓ କ୍ଷମତା 700ଏମ୍. ବି. (MB) ହୋଇଥାଏ ।
- ପେନ୍ ଡ୍ରାଇଭ (Pen Drive) – ଏକ ବାହ୍ୟ ସଞ୍ଚୟ ସାଧନ । ଏହା 1 ଜିବି (GB), 2 ଜିବି (GB), 4 ଜିବି (GB), 8 ଜିବି (GB), 16 ଜିବି (GB), 32ଜିବି (GB) ଇତ୍ୟାଦି କ୍ଷମତା ବିଶିଷ୍ଟ ହୋଇଥାଏ ଓ ବିଭିନ୍ନ ପ୍ରକାର କମ୍ପାନୀ ଦ୍ୱାରା ତିଆରି ଏହି ପେନ୍ ଡ୍ରାଇଭ୍ ବଜାରରେ ଉପଲବ୍ଧ ହୋଇଥାଏ ।
- ଉଇଣ୍ଡୋଜ୍ ମେଡିଆ ପ୍ଲେୟାର (Windows Media Player) ଦ୍ୱାରା ବିଭିନ୍ନ ଅଡିଓ ଓ ଭିଡିଓ କ୍ଲିପ ଶୁଣିପାରିବା ଓ ଦେଖିପାରିବା ।
- ଇଣ୍ଟରନେଟ୍ ବ୍ୟବହାର କରି ବିଶ୍ୱର ଯେକୌଣସି ତଥ୍ୟ ଆମେ ଘରେ ବସିପାଇପାରିବା ।

# ପ୍ରଶ୍ନାବଳୀ

1. **ବନ୍ଧନୀମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।**

(କ) ______________ ଏକ ପାଠ୍ୟ ସମ୍ପାଦକ ପ୍ରୋଗ୍ରାମ ।

(କାଲକୁଲେଟର, ୱାର୍ଡ ପ୍ୟାଡ, ପେଣ୍ଟ, ମେଡିଆ ପ୍ଲେୟର)

(ଖ) CD ର Full Form ______________ ।

(Count Disc, Copy Disc, Compact Disc, Computer Disc)

(ଗ) ଷ୍ଟାର୍ଟ ବଟନ୍ ______________ ର ବାମ ପାର୍ଶ୍ୱରେ ଥାଏ ।

(ଟାଇଟଲ ବାର, ଟୁଲ ବାର, ମେନୁ ବାର, ଟାସ୍କ ବାର)

(ଘ) ଏକ ଡିଭିଡିର ତଥ୍ୟ ଧାରଣ କ୍ଷମତା ______________ ।

(4.5 GB, 4.6 GB, 4.7 GB, 4.8GB)

(ଙ) ଏକ ସିଡିର ତଥ୍ୟ ଧାରଣା କ୍ଷମତା ______________ ।

(500MB, 600MB, 700MB, 800MB)

(ଚ) ଷ୍ଟାଣ୍ଡାର୍ଡ କାଲ୍‌କୁଲେଟରରେ 5 ଓ 7 ର ଗୁଣଫଳହିସାବ କରିବାପାଇଁ 5 ଓ 7 ବଟନ ମଧ୍ୟରେ ________ ବଟନ୍ ବ୍ୟବହାର କରାଯାଏ ।

( + , - , x , * )

(ଛ) __________ ଏକ ବାହ୍ୟ ସଞ୍ଚୟ ସାଧନ ନୁହେଁ ।

(ସିଡି, ଡିଭିଡି, ପେନ୍ ଡ୍ରାଇଭ୍, ହାର୍ଡ ଡିସ୍କ)

(ଜ) ଉଇଣ୍ଡୋଜ୍ ମେଡିଆ ପ୍ଲେୟାରର କାର୍ଯ୍ୟ ହେଉଛି __________ ?

( ଭିଡିଓ ଦେଖିବା, ଚିତ୍ର ଆଙ୍କିବା, ହିସାବ କରିବା, ପ୍ରିଣ୍ଟ କରିବା

(ଝ) ଏମାନଙ୍କ ମଧ୍ୟରୁ ________ ଉଇଣ୍ଡୋ ଆସେସୋରିଜର ସଂପୃକ୍ତ ନୁହେଁ ।

{(ନୋଟ୍ ପ୍ୟାଡ୍ (Note Pad), ୱାର୍ଡ ପ୍ୟାଡ (Word Pad), ଏମଏସ ୱାର୍ଡ (MS Word, ପେଣ୍ଟ (Paint)}

(ଞ) __________ ଏକ ଇଣ୍ଟରନେଟ୍ ବ୍ରାଉଜର ।

(ମାଇକ୍ରୋସଫ୍‌ଟ ଏଜ୍, ୟାହୁ, ବିଂ, ଗୁଗୁଲ୍)

2. ସଂକ୍ଷେପରେ ଉତ୍ତର ଦିଅ ।

(କ) ସିଡିକୁ କମ୍ପ୍ୟୁଟରର କେଉଁଠାରେ ଇନସର୍ଟ କରାଯାଏ ?

(ଖ) ପେନ ଡ୍ରାଇଭକୁ କମ୍ପ୍ୟୁଟରର କେଉଁଠାରେ ଇନସର୍ଟ କରାଯାଏ ?

(ଗ) କାଲକୁଲେଟରରେ କେଉଁ ବଟନ୍‌କୁ ଦବାଇଲେ ସବୁ ତଥ୍ୟ ଲିଭି ଡିସପ୍ଲେରେ 0 ଆସିଥାଏ ?

(ଘ) ଚିତ୍ର ମଧ୍ୟରେ ପାଠ୍ୟ ଲେଖିବାପାଇଁ କେଉଁ ବଟନ ବ୍ୟବହାର କରାଯାଏ ?

(ଙ) ଡ୍ରଇଂ କାର୍ଯ୍ୟ ସମାପ୍ତ ହେବାପରେ କେଉଁ ମେନୁକୁ ଯାଇ ସେଭ କରାଯାଏ ?

(ଚ) ଅକ୍ଷରଗୁଡ଼ିକୁ କ୍ୟାପିଟାଲ କରିବାକୁ ହେଲେ କେଉଁ ବଟନକୁ ଥରେ ଦବାଇ ଅକ୍ଷର ଗଡ଼ିକ ଲେଖାଯାଏ ?

(ଛ) ୱାର୍ଡ ପ୍ୟାଡ୍‌କୁ ଖୋଲିବା ପାଇଁ ଷ୍ଟାର୍ଟ ବଟନ ପରେ କେଉଁ ବଟନକୁ ଦବାଯାଏ ?


(ଜ) ଏକ ଚଳଚିତ୍ର ଫାଇଲ ଦେଖିବା ପାଇଁ ଉଇଣ୍ଡୋଜ୍ ଆସେସୋରିଜର କେଉଁ ପ୍ରୟୋଗଟିକୁ ବ୍ୟବହାର କରାଯାଏ ?

(ଝ) ଆଜିକାଲି ଗୋଟିଏ କମ୍ପ୍ୟୁଟରରୁ ତଥ୍ୟ ସହଜରେ ନେବା ଆଣିବାପାଇଁ କେଉଁ ବାହ୍ୟ ସଞ୍ଚୟ ସାଧନର ବହୁଳ ପ୍ରଚଳନ ହେଉଛି ?

(ଞ) ନୋଟ ପ୍ୟାଡ୍‌ରେ ପାଠ୍ୟ ଲେଖିବା ବେଳେ ଏକ ଭୂଲମ୍ବ ରେଖାଖଣ୍ଡ ଧପ୍ ଧପ୍ ହେଉଥାଏ । ଏହାକୁ କଣ କହନ୍ତି ?

(ଟ) ଇଣ୍ଟରନେଟ୍ ପରିଚାଳନା ପାଇଁ ଆବଶ୍ୟକୀୟ ଦୁଇଟି ମୁଖ୍ୟ ଉପକରଣର ନାମ ଲେଖ ।

3. 'କ' ସ୍ତମ୍ଭରେ ଦିଆଯାଇଥିବା ନାମ ସହିତ 'ଖ' ସ୍ତମ୍ଭର ଚିତ୍ର ମିଳାଅ ।

| (କ) | (ଖ) | (କ) | (ଖ) |
|---|---|---|---|
| ପେନ ଡ୍ରାଇଭ |  | ନୋଟପ୍ୟାଡ |  |
| ସିଡି |  | ମେଡିଆ ପ୍ଲେୟାର |  |
| କାଲକୁଲେଟର |  | ୱାଡପ୍ୟାଡ |  |